No. of Printed Pages : 3 | Sem-II-Odia-CC-3(R&B)

# 2023

**Time - 3 hours**

**Full Marks - 80**

*Answer **both groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କର । (୨ × ୧୦

(କ) 'ଇଣ୍ଡିଆ ଗେଜେଟ୍' ସମ୍ବାଦପତ୍ର କେଉଁ ମସିହାରେ ପ୍ରକାଶିତ ହୋଇଥିଲା ଏବଂ ଏହାକୁ କିଏ ସମ୍ପାଦନା କରିଥିଲେ ?

(ଖ) ପ୍ରଥମ ସାପ୍ତାହିକ ସମ୍ବାଦପତ୍ରର ନାମ କଣ ଏବଂ ଏହାକୁ କିଏ ସମ୍ପାଦନା କରିଥିଲେ ?

(ଗ) 'ସମ୍ବଲପୁର ହିତୈଷିଣୀ' ପତ୍ରିକା କେବେ ଆତ୍ମପ୍ରକାଶ କରିଥିଲା ଏବଂ ଏହାର ପୃଷ୍ଠପୋଷକ କିଏ ଥିଲେ ?

(ଘ) ଓଡ଼ିଆ ସାହିତ୍ୟ ଏକାଡେମୀର ତ୍ରୈମାସିକ ମୁଖପତ୍ର ଭାବରେ 'କୋଣାର୍କ' କେବେ ପ୍ରକାଶିତ ହୋଇଥିଲା ଏବଂ ଏହାର ପ୍ରଥମ ସମ୍ପାଦକ କିଏ ?

(ଙ) ରାଧାନାଥ ରାୟଙ୍କର ଦୁଇଟି ପ୍ରମୁଖ କାବ୍ୟର ନାମ ଉଲ୍ଲେଖ କର ।

(ଚ) ଗଙ୍ଗାଧରଙ୍କର କେଉଁ କାବ୍ୟରେ ଦେବୀ ସୀତାଙ୍କ ଚରିତ୍ର ମାଧ୍ୟମରେ ପତ୍ନୀଧର୍ମର ଯଥାର୍ଥ ମହତ୍ୱ ପ୍ରକାଶ ପାଇଛି ?

(ଛ) କବି ଗଙ୍ଗାଧରଙ୍କ କେଉଁ କାବ୍ୟରେ ନଳିନୀ ଓ ଦିବାକରଙ୍କ ପ୍ରେମ ସହିତ ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ପ୍ରେମକୁ ତୁଳନା କରିଛନ୍ତି ?

(ଜ) ଜୟନ୍ତ କେଉଁ କାବ୍ୟର ନାୟକ ଓ ସେହି କାବ୍ୟଟିକୁ କିଏ ରଚନା କରିଛନ୍ତି ?

(ଝ) ମଧୁସୂଦନ ରାଓ ତାଙ୍କର କେଉଁ ଦୁଇଟି କବିତା ଇଂରାଜୀ କବିତାରୁ ଅନୂଦିତ ହୋଇଥିଲା ?

(ଞ) ଫକୀରମୋହନଙ୍କ ପ୍ରଥମ ପ୍ରକାଶିତ ଗଳ୍ପର ନାମ କଣ ? ଏହା କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(ଟ) 'ଲଛମା' ଉପନ୍ୟାସ କେଉଁ ଧରଣର ଏବଂ ଏଥିରେ ନାୟକ ଓ ନାୟିକାଙ୍କର ନାମ ଉଲ୍ଲେଖ କର ।

(ଠ) ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ କଣ ଥିଲା ?

(ଡ) ବଙ୍ଗଳା ସାହିତ୍ୟରେ 'କଲ୍ଲୋଳ ଯୁଗ' ଅନୁକରଣରେ ଓଡ଼ିଆ ସାହିତ୍ୟରେ କେଉଁ ଯୁଗର ଆଗମନ ହୋଇଥିଲା ?

(ଢ଼) 'ଶିକାର' ଗଳ୍ପର ଗାଳ୍ପିକ କିଏ ? ଏବଂ ଏଥିରେ କେଉଁ ସ୍ୱର ପ୍ରକାଶ ପାଇଛି ?

(ଣ) 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' – ଏହା କାହାର ଆତ୍ମଜୀବନୀ ।

## GROUP - B

ଯେକୌଣସି ୪ଟି ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର ।

୨ । ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶରେ ପତ୍ରପତ୍ରିକାର ଭୂମିକା ସମ୍ପର୍କରେ ଆଲୋକପାତ କର । [୧୫

୩। ଗଙ୍ଗାଧର ମେହେରଙ୍କ କାବ୍ୟ ପ୍ରତିଭାର ପରିଚୟ ଦିଅ। [୧୫

୪। ଜଣେ ସମାଜ ସଚେତନ ଗାଳ୍ପିକ ଭାବରେ ଫକୀରମୋହନ ସେନାପତି ପରିଚିତ – ଏ ଉକ୍ତିର ସତ୍ୟାସତ୍ୟ ପ୍ରତିପାଦନ କର। [୧୫

୫। ଓଡ଼ିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କର। [୧୫

୬। ପଣ୍ଡିତ ନୀଳକଣ୍ଠ ଦାସଙ୍କ କାବ୍ୟାଦର୍ଶ ସମ୍ପର୍କରେ ଆଲୋଚନା କର। [୧୫

୭। 'ଓଡ଼ିଆ ସାହିତ୍ୟରେ ସବୁଜଯୁଗ ଏକ ନୂତନ ଚେତନାର ସନ୍ଧାନ କରେ' – ବର୍ଣ୍ଣନା କର। [୧୫

୮। ଓଡ଼ିଆ କଥା ସାହିତ୍ୟରେ ପ୍ରଗତିବାଦୀ ଧାରା କିଭଳି ପ୍ରକାଶ ପାଇଛି, ଆଲୋଚନା କର। [୧୫

# 2023

***Time - 3 hours***

***Full Marks - 80***

*Answer **both groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କର । (୨ × ୧୦

(କ) 'ଶ୍ରୀରାଧା' କବିତାର କବି କିଏ ?

(ଖ) 'କାଳପୁରୁଷ' କବିତାର କବି କିଏ ? ଏବଂ ଏଥିରେ କେଉଁ କାବ୍ୟର ପ୍ରଭାବ ପଡ଼ିଛି ?

(ଗ) ସ୍ୱାଧୀନତା ପରବର୍ତ୍ତୀ ଦୁଇଜଣ ବିଶିଷ୍ଟ କଥାକାରଙ୍କ ନାମ ଉଲ୍ଲେଖ କର ।

(ଘ) 'ଶିଳାପଦ୍ମ' ଉପନ୍ୟାସର ଔପନ୍ୟାସିକଙ୍କ ନାମ ଉଲ୍ଲେଖ କରି ତାଙ୍କର ଅନ୍ୟ ଦୁଇଟି ଉପନ୍ୟାସର ନାମ ଉଲ୍ଲେଖ କର ।

(ଙ) ନାଟକ 'କଂସର ଆତ୍ମା' ନାଟ୍ୟକାରଙ୍କର ନାମ ଉଲ୍ଲେଖ କରି ତାଙ୍କର ଅନ୍ୟ ଏକ ନାଟକର ନାମ ଉଲ୍ଲେଖ କର ।

(ଚ) 'ଅଥଚ ଚାଣକ୍ୟ' କେଉଁ ଧରଣର ନାଟକ ? ଏହାର ନାଟ୍ୟକାରଙ୍କ ନାମ ଉଲ୍ଲେଖ କର ।

(ଛ) ବିଶ୍ୱଜିତ୍ ଦାସଙ୍କର ଦୁଇଗୋଟି ଏକାଙ୍କିକାର ନାମ ଉଲ୍ଲେଖ କର।

(ଜ) 'ଭାଇଭାଉଜ' ନାଟକରେ କେଉଁ କଥାବସ୍ତୁ ଉପରେ ଆଲୋକପାତ କରାଯାଇଛି ?

(ଝ) 'ଛଦ୍ମବେଶୀ' କେଉଁ ଧରଣର ଏକାଙ୍କିକା ଏବଂ ଏହାକୁ କିଏ ରଚନା କରିଛନ୍ତି ?

(ଞ) 'ଗାଁର ଡାକ' କେଉଁ ପ୍ରାବନ୍ଧିକଙ୍କର ଆତ୍ମଜୀବନୀ ?

(ଟ) କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କଣ ?

(ଠ) 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି' ଭ୍ରମଣକାହାଣୀର ଲେଖକ କିଏ ?

(ଡ) 'ମୋ ଫୁଟାଡଙ୍ଗାର କାହାଣୀ' କାହାର ଆତ୍ମଜୀବନୀ।

(ଢ଼) ସ୍ୱାଧୀନତା ପରବର୍ତ୍ତୀ ଦୁଇଟି ସାର୍ଥକ ପ୍ରାବନ୍ଧିକଙ୍କର ନାମ ଉଲ୍ଲେଖ କର।

(ଣ) ସ୍ୱାଧୀନତା ପରବର୍ତ୍ତୀ ଦୁଇଜଣ ବିଶିଷ୍ଟ ସମାଲୋଚକଙ୍କ ନାମ ଉଲ୍ଲେଖ କର।

## GROUP - B

ଯେକୌଣସି ୪ଟି ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର।

୨। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ଧରା ଓ ଧାରା ସମ୍ପର୍କରେ ଉଲ୍ଲେଖ କର। [୧୫

୩। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ମନସ୍ତାତ୍ତ୍ୱିକ ଉପନ୍ୟାସ ସମ୍ପର୍କରେ ଆଲୋଚନା କର। [୧୫

୪। ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କର। [୧୫

୫। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଦେଖା ଦେଉଥିବା ମାନସିକ ଦ୍ୱନ୍ଦ୍ୱ ସମ୍ପର୍କରେ ଉଲ୍ଲେଖ କର। [୧୫

୬। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଏକାଙ୍କିକାର ବିକାଶଧାରା ସମ୍ପର୍କରେ ଆଲୋଚନା କର। [୧୫

୭। ସ୍ୱାଧୀନତା ପରବର୍ତ୍ତୀ ଆତ୍ମଜୀବନୀ ସାହିତ୍ୟ ସମ୍ପର୍କରେ ଆଲୋଚନା କର। [୧୫

୮। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭ୍ରମଣ ସାହିତ୍ୟ ସମ୍ପର୍କରେ ଆଲୋଚନା କର। [୧୫

# 2023

***Time - 3 hours***

***Full Marks - 80***

*Answer **both groups** as per instructions.*
*Figures in the right hand margin indicate marks.*
*Candidates are required to answer*
*in their own words as far as practicable.*

## GROUP - A

୧ । ଯେକୌଣସି ୧୦ଟି ପ୍ରଶ୍ନର ଉତ୍ତର ପ୍ରତ୍ୟେକକୁ ଗୋଟିଏ ବା ଦୁଇଟି ବାକ୍ୟରେ ପ୍ରଦାନ କର । (୨ × ୧୦

(କ) କେଉଁଗୁଡ଼ିକୁ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ କୁହାଯାଏ ?

(ଖ) କେଉଁ ଗଣମାଧ୍ୟମ ସମ୍ବାଦ ପହଞ୍ଚାଇବାରେ ସମୟ ନେଇଥାଏ ?

(ଗ) ପ୍ରଥମେ କେଉଁଠି ଗଣମାଧ୍ୟମ ସୃଷ୍ଟି ହୋଇଥିଲା ବୋଲି ଐତିହାସିକମାନେ ଅନୁମାନ କରନ୍ତି ?

(ଘ) କେଉଁଗୁଡ଼ିକ ମୁଦ୍ରିତ ଗଣମାଧ୍ୟମ ?

(ଙ) ବିଜ୍ଞାପନ କଳା କଣ ?

(ଚ) ବିଜ୍ଞାପନର ବୃହତ୍ତର ଲକ୍ଷ୍ୟଟି କଣ ଅଟେ ?

(ଛ) କ୍ଲାସିଫାଏଡ୍ ବିଜ୍ଞାପନରେ କେଉଁ କେଉଁ ସୂଚନା ଦିଆଯାଇଥାଏ ?

(ଜ) ଆନୁଷ୍ଠାନିକ ବିଜ୍ଞାପନ କାହା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ?

(ଝ) ସ୍ତମ୍ଭକାରମାନେ କେଉଁ ପ୍ରସଙ୍ଗକୁ ଦେଇ ସ୍ତମ୍ଭ ଲେଖନ୍ତି ?

(ଞ) ଫିଚର କେତେ ଭାଗରେ ବିଭକ୍ତ ଓ ସେଗୁଡ଼ିକ କଣ କଣ ?

(ଟ) ସମ୍ବାଦର ଗୁଣାତ୍ମକ ମାନ କଣ କଣ ?

(ଠ) 'ମିଶ୍ରରାଗ' ସ୍ତମ୍ଭ ରଚନା କାହାର ?

(ଡ) ମାନବଧର୍ମୀ ଫିଚରରେ କଣ ପ୍ରସ୍ତୁତ କରାଯାଏ ?

(ଢ଼) 'ପତ୍ରଲିଖନ' ଶବ୍ଦ ସପକ୍ଷରେ ଅନ୍ୟ କେଉଁ କେଉଁ ସମାର୍ଥବୋଧକ ଶବ୍ଦ ଗ୍ରହଣ କରାଯାଇପାରିବ ?

(ଣ) କାର୍ଯ୍ୟାଳୟ ପତ୍ର କାହାକୁ କୁହାଯାଏ ?

## GROUP - B

ଯେକୌଣସି ୪ଟି ପ୍ରଶ୍ନର ଦୀର୍ଘ ଉତ୍ତର ପ୍ରଦାନ କର।

୨। ଗଣମାଧ୍ୟମର ସଂଜ୍ଞା ସହ ଏହାର ବିଭାଗୀକରଣ ସମ୍ପର୍କରେ ଆଲୋଚନା କର। [୧୫

୩। ଗଣମାଧ୍ୟମର ଐତିହାସିକ ଦୃଷ୍ଟିକୋଣ ସମ୍ପର୍କରେ ଉଲ୍ଲେଖ କର। [୧୫

୪। ବିଜ୍ଞାପନର ସଂଜ୍ଞା ଓ ସ୍ୱରୂପ ସମ୍ପର୍କରେ ଆଲୋକପାତ କର। [୧୫

୫। ବିଜ୍ଞାପନର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ଆଲୋଚନା କର। [୧୫

୬। ଫିଚରର ପ୍ରକାରଭେଦ ସମ୍ପର୍କରେ ଉଲ୍ଲେଖ କର। [୧୫

୭। ସ୍ତମ୍ଭ ରଚନା କାହାକୁ କୁହାଯାଏ ଏବଂ ତାହାର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋକପାତ କର। [୧୫

୮। ପତ୍ରଲିଖନ କାହାକୁ କୁହାଯାଏ ଏବଂ ଏହାର ପ୍ରକାରଭେଦ ସମ୍ପର୍କରେ ଆଲୋଚନା କର। [୧୫